# NATIONAL NEWS BULLETIN (ODIA)

**28 May- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ୪ଟି ରାଜ୍ୟକୁ ଆସନ୍ତାକାଲିଠାରୁ ଦୁଇଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ରାଜସ୍ଥାନ, ତ୍ରିପୁରା, ଝାଡ଼ଖଣ୍ଡ ଓ ମାଡ୍ରାସ ହାଇକୋର୍ଟର ମୁଖ୍ୟବିଚାରପତିଙ୍କ ବଦଳିନେଇ ସୁପ୍ରିମକୋର୍ଟ କଲେଜିୟମର ସୁପାରିଶ ।
- ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ସ୍ମୃତିରେ ପହଲଗାମଠାରେ ସ୍ମାରକୀ ପ୍ରତିଷ୍ଠା କରିବେ ଜାମ୍ମୁକାଶ୍ମୀର ସରକାର ।
- ସ୍ପେସେକ୍ସ କମ୍ପାନୀର ତୃତୀୟ ଷ୍ଟାର୍‌ସିପ୍ ଉତ୍‌କ୍ଷେପଣ ବିଫଳ ।

ଏବଂ

- ଆଇପିଏଲ୍ କ୍ରିକେଟରେ ପ୍ରଥମ କ୍ୱାଲିଫାୟାର ମ୍ୟାଚ୍ ଆସନ୍ତାକାଲି ।

## ପିଏମ୍ ଭିଜିଟ୍ ଷ୍ଟେଟ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତାକାଲିଠାରୁ ସିକ୍କିମ୍, ପଶ୍ଚିମବଙ୍ଗ, ବିହାର ଓ ଉତ୍ତରପ୍ରଦେଶକୁ ଦୁଇଦିନିଆ ଗସ୍ତରେ ଯିବେ । ସିକ୍କିମ ଗସ୍ତବେଳେ ପ୍ରଧାନମନ୍ତ୍ରୀ '୨୦୫୦ରେ ସିକ୍କିମ୍ : ଯେଉଁଠାରେ ପ୍ରଗତି ଉଦ୍ଦେଶ୍ୟ ସାଧନ କରିବ ଓ ଅଭିବୃଦ୍ଧିକୁ ପ୍ରକୃତି ପାଳନ କରିବ' ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଯୋଗଦେବେ । ଏହି ଅବସରରେ ସେ

ରାଜ୍ୟରେ କେତେକ ବିକାଶମୂଳକ ବହୁମୂଖୀ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏଥିସହିତ ସେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିକାର କାର୍ଯ୍ୟସୂଚୀ ସ୍ଥିର ହୋଇଛି ।

ଏହାପରେ ଶ୍ରୀ ମୋଦୀ ପଶ୍ଚିମବଙ୍ଗ ଗସ୍ତ କରି ଅଲ୍ଲୀପୁରଦ୍ୱାରଠାରେ ସିଟି ଗ୍ୟାସ୍ ଡିଷ୍ଟ୍ରିବ୍ୟୁସନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ କୁଚବେହାରଠାରେ ମଧ୍ୟ କେତେକ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏହାପରେ ସେ ପାଟ୍‌ନା ଏୟାରପୋର୍ଟ ଠାରେ ଏକ ନୂଆ ଟର୍ମିନାଲ କୋଠାର ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଶୁକ୍ରବାରଦିନ ବିହାରର କାରାକାଟଠାରେ ପ୍ରଧାନମନ୍ତ୍ରୀ ୪୮ହଜାର ୫୨୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଜାତୀୟ ବହୁମୁଖୀ ବିକାଶ ପ୍ରକଳ୍ପର ଲୋକାର୍ପଣ କରିବେ । ଏହି ଅବସରରେ ସେ ଏକ ସାଧାରଣ ସଭାକୁ ମଧ୍ୟ ସମ୍ବୋଧିତ କରିବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି । ପରେ ସେ ଉତ୍ତରପ୍ରଦେଶ ଗସ୍ତ କରି କାନପୁରନଗରଠାରେ ୨୦ହଜାର ୯୦୦ କୋଟି ଟଙ୍କା ବ୍ୟୟରେ ବିକଶିତ କରାଯାଇଥିବା ବହୁମୁଖୀ ଉନ୍ନୟନ ପ୍ରକଳ୍ପର ମଧ୍ୟ ଭିତ୍ତିପ୍ରସ୍ତର ସ୍ଥାପନ କରିବେ । ଏହି ଅବସରରେ ସେ ମଧ୍ୟ ଏକ ସାଧାରଣ ସଭାକୁ ସମ୍ବୋଧିତ କରିବେ ବୋଲି ଜଣାପଡିଛି ।

# ଏସ୍‌ସି-ଏଚ୍‌ସି ଟ୍ରାନ୍ସଫର

ସୁପ୍ରିମକୋର୍ଟ କଲେଜିୟମ ରାଜସ୍ଥାନ, ତ୍ରିପୁରା, ଝାଡ଼ଖଣ୍ଡ ଏବଂ ମାଡ୍ରାସ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ବଦଳି କରିବା ନେଇ ସୁପାରିଶ କରିଛି । ପ୍ରଧାନ ବିଚାରପତି ଜଷ୍ଟିସ ବି.ଆର୍.ଗଭାଇଙ୍କ ନେତୃତ୍ୱରେ ଅନୁଷ୍ଠିତ କଲେଜିୟମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି । ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ସୂଚନା ଅନୁଯାୟୀ ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ମନୀନ୍ଦ୍ର ମୋହନ ଶ୍ରୀବାସ୍ତବଙ୍କୁ ମାଡ୍ରାସ ହାଇକୋର୍ଟକୁ ବଦଳି କରାଯାଇଛି । ତ୍ରିପୁରାର ମୁଖ୍ୟ ବିଚାରପତି ଜଷ୍ଟିସ ଅପରେଶ କୁମାର ସିଂହ ତେଲେଙ୍ଗାନା ହାଇକୋର୍ଟକୁ ବଦଳି ହୋଇଛନ୍ତି । ଝାଡ଼ଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଏମ୍.ଏସ୍. ରାମଚନ୍ଦ୍ର ରାଓ ତ୍ରିପୁରା ହାଇକୋର୍ଟକୁ ଏବଂ ମାଡ୍ରାସ ହାଇକୋର୍ଟର ଜଷ୍ଟିସ କେ.ଆର୍. ଶ୍ରୀରାମଙ୍କୁ ରାଜସ୍ଥାନକୁ ବଦଳି କରାଯାଇଛି । ତେଲେଙ୍ଗାନା ହାଇକୋର୍ଟରୁ ଜଷ୍ଟିସ ତଡକମଲ୍ଲ ବିନୋଦ କୁମାରଙ୍କୁ ମାଡ୍ରାସ ହାଇକୋର୍ଟକୁ ବଦଳି ପାଇଁ କଲେଜିୟମ ସୁପାରିଶ କରିଛି ।

# ଜେକେ-ପହଲଗାମ ମେମୋରିଆଲ

ଏପ୍ରିଲ ୨୨ରେ ବୈସରନଠାରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ସ୍ମୃତିରେ ଦକ୍ଷିଣ କାଶ୍ମୀରର ଅନନ୍ତନାଗସ୍ଥିତ ପହଲଗାମଠାରେ ଏକ ସ୍ମାରକୀ ପ୍ରତିଷ୍ଠା କରିବା ଲାଗି ଜାମ୍ମୁ କାଶ୍ମୀର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଘୋଷଣା କରିଛନ୍ତି । ଗତକାଲି ପହଲଗାମଠାରେ ଜାମ୍ମୁ କାଶ୍ମୀର କ୍ୟାବିନେଟ୍ ବୈଠକ ବେଳେ ସେ ପୂର୍ତ୍ତ ବିଭାଗକୁ ଏହି ସ୍ମାରକୀ ନିର୍ମାଣକାର୍ଯ୍ୟ ଆରମ୍ଭ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି । ଏହା କେବଳ ଏକ ସ୍ମୃତିଫଳକ ହୋଇ ରହିବ ତାହା ନୁହେଁ, ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପ୍ରତି ଏକ ସମ୍ମାନ ବୋଲି ସେ କହିଛନ୍ତି ।

ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଟ୍ରାଭେଲ ଆଣ୍ଡ ଟୁର୍ ଅପରେଟର ମାନଙ୍କୁ ସମ୍ବୋଧିତ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଜାମ୍ମୁ ଓ କାଶ୍ମୀରର ପର୍ଯ୍ୟଟନକୁ ପୁନରୁଦ୍ଧାର କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ନିରାପତ୍ତାକୁ ଦୃଷ୍ଟିରେ ରଖାଯାଇ ସମସ୍ତ ପ୍ରକାର କଡା ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି । ବୈସରନ ଆତଙ୍କବାଦୀ ଆକ୍ରମଣ ପରେ ପର୍ଯ୍ୟଟନ ସ୍ଥଳଗୁଡ଼ିକୁ ଖୋଲାଯିବା ପରିପ୍ରେକ୍ଷୀରେ ଶ୍ରୀ ଓମାର ଏଥିସହିତ ଜଡିତ ସମସ୍ତ ଅଂଶୀଦାରମାନଙ୍କୁ ପର୍ଯ୍ୟଟକଙ୍କ ସହିତ ଠିକ୍ ଭାବେ ଯୋଗାଯୋଗ ରକ୍ଷା କରିବା ସହ ସ୍ୱଚ୍ଛତା ବଜାୟ ରଖିବା ଉପରେ ଗୁରୁତ୍ୱ ଦେଇଛନ୍ତି ।

# ପିଏମ୍-ସଭରକର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସ୍ୱାଧୀନତା ସଂଗ୍ରାମୀ ବିନାୟକ ଦାମୋଦର ସଭରକରଙ୍କ ଜୟନ୍ତୀ ଅବସରରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ କହିଛନ୍ତି ସଭରକର ଥିଲେ ଭାରତ ମାତାର ସୁଯୋଗ୍ୟ ସନ୍ତାନ । ବ୍ରିଟିଶ ସରକାରଙ୍କ ଠାରୁ ଅସହ୍ୟ ଯନ୍ତ୍ରଣା ସହିଥିଲେ ମଧ୍ୟ ସେ କେବେ ମୁଣ୍ଡ ନୁଆଁଇନଥିଲେ । କୃତଜ୍ଞ ଦେଶ ତାଙ୍କର ଅଦମ୍ୟ ସାହସ ଓ ସଂଗ୍ରାମକୁ କଦାପି ଭୁଲିପାରିବ ନାହିଁ । ସଭରକରଙ୍କ ତ୍ୟାଗ ଓ ବଳିଦାନ ଦେଶକୁ ବିକଶିତ ଭାରତରେ ପରିଣତ କରିବା ଦିଗରେ ନିରନ୍ତର ଦିଗ୍‌ଦର୍ଶନ ଦେଇଚାଲୁଥିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

# ପିଏମ୍-ଏନ୍‌ଟିଆର୍

ଆନ୍ଧ୍ରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ଅଭିନେତା ଏନ୍.ଟି.ରାମାରାଓଙ୍କ ଜୟନ୍ତୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଏନ୍‌ଟି ରାମାରାଓଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି । ସେ ଗରିବ ଓ ଅସହାୟମାନଙ୍କ ଉତ୍‌ଥାନ ପାଇଁ ବିଶେଷ କାର୍ଯ୍ୟ କରିଥିଲେ ବୋଲି

କହିଛନ୍ତି । ସିନେମା କ୍ଷେତ୍ରରେ ତାଙ୍କର ବଳିଷ୍ଠ ଯୋଗଦାନ ସମସ୍ତଙ୍କୁ ପ୍ରେରଣା ଦେଇଆସିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ସ୍ପେସେକ୍ସ ଫେଲୋର

ସ୍ପେସେକ୍ସ କମ୍ପାନୀର ତୃତୀୟ ଷ୍ଟାର୍‌ସିପ ଉତ୍‌କ୍ଷେପଣ ବିଫଳ ହୋଇଛି । ଆଜି ସକାଳେ ଏହାର ଉତ୍‌କ୍ଷେପଣ ପରେ ପୂର୍ବ ଦୁଇଟି ରକେଟ୍ ଭଳି ଏହା ମଧ୍ୟ ସମାନ ପରିସ୍ଥିତିର ସମ୍ମୁଖୀନ ହୋଇଥିଲା । କମ୍ପାନୀର ପ୍ରତିଷ୍ଠାତା ଏଲନ ମସ୍କ ଏଥିପାଇଁ ଇନ୍ଧନ ଲିକ୍‌କୁ ଦାୟୀ କରିଛନ୍ତି । କ୍ରମାଗତ ତୃତୀୟଥର ପାଇଁ ଷ୍ଟାର୍‌ସିପ ଉଡାଣ ପରୀକ୍ଷଣ ବିଫଳ ହୋଇଛି । ଜାନୁଆରୀ ଏବଂ ମାର୍ଚ୍ଚ ମାସରେ କମ୍ପାନୀ ପକ୍ଷରୁ ପୂର୍ବ ଦୁଇଟି ରକେଟ୍ ଉତ୍‌କ୍ଷେପଣର ପରୀକ୍ଷା କରାଯାଇଥିଲା । ଆଜି ଉତ୍‌କ୍ଷେପଣର ୩୦ ମିନିଟ୍ ପରେ ରକେଟ୍‌ରେ ଇନ୍ଧନ ଟ୍ୟାଙ୍କ ଲିକ୍ ହୋଇଥିଲା । ଏହାଦ୍ୱାରା ଯାନଟି ଅନିୟନ୍ତ୍ରିତ ଭାବରେ ଘୁରୁଥିବା ଦେଖାଦେଇଥିଲା । ତେବେ ଶ୍ରୀ ମସ୍କ ଆଜିର ଉଡାଣକୁ ଏକ ସଫଳତା ବୋଲି ବର୍ଣ୍ଣନା କରିଛନ୍ତି । ବିଫଳତାର କାରଣ ସମୀକ୍ଷା କରିବା ପରେ  ପରବର୍ତ୍ତୀ ଉଡାଣ ପାଇଁ ପରୀକ୍ଷଣ ଆରମ୍ଭ କରାଯିବ ବୋଲି କମ୍ପାନୀର ପ୍ରତିଷ୍ଠାତା ଶ୍ରୀ ମସ୍କ ସୂଚନା ଦେଇଛନ୍ତି ।

# ଅଲ୍ ପାର୍ଟି ଡେଲିଗେସନ

ଆତଙ୍କବାଦ ବିରୁଦ୍ଧରେ ଭାରତର ପଦକ୍ଷେପ ଏବଂ ଅପରେସନ ସିନ୍ଦୂର ନେଇ କୂଟନୈତିକ ପ୍ରଚାରର ଅଂଶସ୍ୱରୂପ ଜେଡିୟୁ ସାଂସଦ ସଞ୍ଜୟ ଝାଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ଇଣ୍ଡୋନେସିଆର ଜାକର୍ତ୍ତାଠାରେ ପହଞ୍ଚିଛନ୍ତି । ଜାପାନ, ଦକ୍ଷିଣକୋରିଆ ଏବଂ ସିଙ୍ଗାପୁର ଗସ୍ତ ଶେଷ କରି ଏହି ପ୍ରତିନିଧି ମଣ୍ଡଳୀ ଇଣ୍ଡୋନେସିଆ ଗସ୍ତରେ ଯାଇଛନ୍ତି । ଆତଙ୍କବାଦ ବିରୁଦ୍ଧରେ ଭାରତର ଶୂନ୍ୟ ସହନଶୀଳ ନୀତି ଉପରେ ଏହି ପ୍ରତିନିଧି ମଣ୍ଡଳୀ ଇଣ୍ଡୋନେସିଆ-ଭାରତ ସଂସଦୀୟ ବନ୍ଧୁତା ଗୋଷ୍ଠୀର ଅଧ୍ୟକ୍ଷ ମହମ୍ମଦ ରୌଫିକିଙ୍କ ସହ ଆଲୋଚନା କରିଛନ୍ତି । ଆତଙ୍କବାଦ କାର୍ଯ୍ୟକଳାପକୁ ଇଣ୍ଡୋନେସିଆ ନିନ୍ଦା କରିବା ସହ ଆପୋଷ ଆଲୋଚନା ମାଧ୍ୟମରେ ସମସ୍ୟାର ସମାଧାନ ଉପରେ ଗୁରୁତ୍ୱ ପ୍ରଦାନ କରିଛି ।

ଶିବସେନା ସାଂସଦ ଶ୍ରୀକାନ୍ତ ଏକନାଥ ସିନ୍ଦେଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ମଣ୍ଡଳୀ କଙ୍ଗୋ ଗଣରାଜ୍ୟ ଗସ୍ତ ଶେଷ କରି ସିଏରାଇଓନ ଅଭିମୁଖେ ଯାତ୍ରା କରିଛନ୍ତି । ବିଜେପି ସାଂସଦ ରବିଶଙ୍କର ପ୍ରସାଦଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ରୋମ୍‌ରେ ପହଞ୍ଚିଛନ୍ତି । କଂଗ୍ରେସ ସାଂସଦ ଶଶୀ ଥରୁରଙ୍କ ନେତୃତ୍ୱାଧୀନ ସର୍ବଦଳୀୟ ପ୍ରତିନିଧି ମଣ୍ଡଳୀ ପାନାମାଠାରେ ସେଠାକାର ସଂସଦ ଅଧ୍ୟକ୍ଷ ଡାନା କାସ୍ତା ନେଡାଙ୍କ ସହିତ ଆଲୋଚନା ବୈଠକରେ ଯୋଗ ଦେଇଥିଲେ । ଏନ୍‌ସିପି ସାଂସଦ ସୁପ୍ରିୟା

ସୁଲେଙ୍କ ନେତୃତ୍ୱାଧୀନ ପ୍ରତିନିଧି ମଣ୍ଡଳୀ ଦକ୍ଷିଣ ଆଫ୍ରିକାରେ କୂଟନୈତିକ ଆଲୋଚନା କରିଛନ୍ତି ।

## ୟୁଏନ୍-ପେସ୍‌କିପର୍ସ

ଜାତିସଂଘ ଶାନ୍ତିରକ୍ଷା ବାହିନୀର ଅନ୍ତର୍ଜାତୀୟ ଦିବସ ପରିପ୍ରେକ୍ଷୀରେ ପ୍ରାଣହରାଇଥିବା ୨ଜଣ ଭାରତୀୟ ଶାନ୍ତିରକ୍ଷାକାରୀଙ୍କୁ ଆସନ୍ତାକାଲି ମରଣୋତ୍ତର ଭାବେ ପୁରସ୍କୃତ କରାଯିବ । ବ୍ରିଗେଡିୟର ଜେନେରାଲ ଅମିତାଭ ଝା ଓ ହାବିଲଦାର ସଞ୍ଜୟ ସିଂହଙ୍କୁ ଡାଗ୍ ହାମରସ୍କୋଜୋଲ୍ଡ ମେଡାଲ ଦିଆଯିବ ।

ଜାତିସଂଘର ଶାନ୍ତିରକ୍ଷା କ୍ଷେତ୍ରରେ ଭାରତର ଯୋଗଦାନ ଚତୁର୍ଥ ସ୍ଥାନରେ ରହିଛି । ଏବେ କେନ୍ଦ୍ରୀୟ ଆଫ୍ରିକା ଗଣରାଜ୍ୟର ଏବେଇଠାରେ ଭାରତର ୫ହଜାର ୩୦୦ ସାମରିକ ଓ ପୋଲିସ ଅଧିକାରୀ କାର୍ଯ୍ୟରତ ଅଛନ୍ତି । ଜାତିସଂଘ ମୁଖ୍ୟାଳୟରେ ଆସନ୍ତାକାଲି ଅନୁଷ୍ଠିତ ଉତ୍ସବରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ୧୯୪୮ ମସିହାରୁ ଅଦ୍ୟାବଧି ଜାତିସଂଘ ଶାନ୍ତିରକ୍ଷା ବାହିନୀରେ କାର୍ଯ୍ୟକରି ପ୍ରାଣ ହରାଇଥିବା ୪ହଜାର ୪୦୦ରୁ ଅଧିକ ଶାନ୍ତିରକ୍ଷାକାରୀଙ୍କୁ ସମ୍ମାନିତ କରିବେ । ଏହି ଅବସରରେ ମରଣୋତ୍ତର ଭାବେ ୫୭ଜଣ ସାମରିକ ପୋଲିସ ଏବଂ ସାଧାରଣ ଶାନ୍ତିରକ୍ଷାକାରୀଙ୍କୁ ଡାଗ୍ ହାମରସ୍କୋଜୋଲ୍ଡ ମେଡାଲ ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି ।

# ବିକଶିତ କୃଷି ସଂକଳ୍ପ ଅଭିଯାନ

ଦେଶ ବ୍ୟାପି ବିକଶିତ କୃଷି ସଂକଳ୍ପ ଅଭିଯାନ ଆସନ୍ତାକାଲିଠାରୁ ଆରମ୍ଭ ହେବ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଓଡ଼ିଶାର ପୁରୀଠାରେ ଏହି ଅଭିଯାନର ଶୁଭାରମ୍ଭ କରିବେ । ଆସନ୍ତା ମାସ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଭିଯାନରେ ଦେଶର ୭୦୦ରୁ ଅଧିକ ଜିଲ୍ଲାକୁ ସାମିଲ କରାଯାଇଛି । କୃଷି ବୈଜ୍ଞାନିକ ଏବଂ ବିଶେଷଜ୍ଞ ୨୦ଟି ରାଜ୍ୟର ଏହି ଜିଲ୍ଲା ଗୁଡ଼ିକୁ ଗସ୍ତ କରି ଚାଷୀଙ୍କ ସହ ସିଧାସଳଖ ମତ ବିନିମୟ କରିବେ ବୋଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି । ଏହି ୧୫ ଦିନିଆ ଅଭିଯାନ ଅବସରରେ ମନ୍ତ୍ରୀ ଶ୍ରୀ ଚୌହାନ ବିଭିନ୍ନ ରାଜ୍ୟକୁ ଗସ୍ତ କରିବେ ।

ବିଭିନ୍ନ ଅଞ୍ଚଳ ପାଇଁ ନିର୍ଦ୍ଦିଷ୍ଟ ପ୍ରମୁଖ ଖରିଫ୍ ଫସଲର ଆଧୁନିକ କୌଶଳ ସମ୍ପର୍କରେ କୃଷିଜୀବୀଙ୍କୁ ସଚେତନ କରିବା ଏହି ଅଭିଯାନରେ ମୁଖ୍ୟ ଉଦ୍ଦେଶ୍ୟ । କୃଷି କ୍ଷେତ୍ର ପାଇଁ ସରକାରଙ୍କ କଲ୍ୟାଣକାରୀ ଯୋଜନା ଗୁଡ଼ିକ ଉପରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ରଖାଯାଇଛି । କୃଷି ବୈଜ୍ଞାନିକ ଏବଂ ବିଶେଷଜ୍ଞ ଦଳ ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡ଼ର ଠିକ୍ ବ୍ୟବହାର, ଫସଲ ଚୟନ ଏବଂ ସନ୍ତୁଳିତ ସାର ପ୍ରୟୋଗ ଉପରେ ଏହି ଅବସରରେ ମାର୍ଗ ଦର୍ଶନ କରିବେ ବୋଲି ଜଣାପଡ଼ିଛି ।

# ଆଇପିଏଲ୍ କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ର ପ୍ଲେଅଫ୍ ପର୍ଯ୍ୟାୟ ମ୍ୟାଚ୍ ଆସନ୍ତାକାଲିଠାରୁ ଆରମ୍ଭ ହେବ । ପ୍ରଥମ କ୍ୱାଲିଫାୟର୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପଞ୍ଜାବ କିଙ୍ଗସ୍‌କୁ ଭେଟିବ । ଗତକାଲିର ଶେଷ ଲିଗ୍ ପର୍ଯ୍ୟାୟ ମ୍ୟାଚ୍‌ରେ ବେଙ୍ଗାଲୁରୁ ବିଜୟୀ ହୋଇ ପଏଣ୍ଟ ତାଲିକାର ଦ୍ୱିତୀୟ ସ୍ଥାନକୁ ଉନ୍ନିତ ହୋଇଛି । ଏଥିସହ ଗୁଜରାଟ ଟାଇଟନ୍ସ ତୃତୀୟ ସ୍ଥାନକୁ ଖସିଛି । ଆସନ୍ତା ଶୁକ୍ରବାର ଦିନ ଏଲିମିନେଟର ପର୍ଯ୍ୟାୟ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ମୁକାବିଲା ହେବ । ଆସନ୍ତା ୧ତାରିଖ ରବିବାର ଦିନ ଦ୍ୱିତୀୟ କ୍ୱାଲିଫାୟର୍ ମ୍ୟାଚ୍ ଏବଂ ୩ ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

ସୂଚନାଯୋଗ୍ୟ ଗତକାଲିର ମ୍ୟାଚ୍‌ରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍‌କୁ ୬ ୱିକେଟ୍‌ରେ ପରାସ୍ତ କରିଛି ।